# ଉନ୍ନତ ପ୍ରଣାଳୀରେ ବାଉଁଶ ଚାଷ
# ଏବଂ ଜୀବନ ଜୀବିକାର ଉନ୍ନତି



Supported by

**Odisha Bamboo Development Agency**

By

**SOCIO CULTURAL DEVELOPMENT CENTRE**

Hajipur, Po- Biridi, Dist-Jagatsinghpur, Odisha

Mob : 9777367460, E-mail : scdcbls@yahoo.in

ବାଉଁଶ ପ୍ରକୃତିର ଏକ ଆଶ୍ଚର୍ଯ୍ୟଜନକ ଅବଦାନ ଅଟେ । ବାଉଁଶ ଏକ ଚିରସ୍ଥାୟୀ, ବହୁମୁଖୀ ସମ୍ପଦ ଯାହାକି, ହଜାର ହଜାର ବର୍ଷ ଧରି ମାନବର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ପରିବେଶରେ ବ୍ୟବହୃତ ହୋଇଆସୁଅଛି । ବାଉଁଶର କରଡ଼ି ଖାଦ୍ୟ ରୂପେ ବ୍ୟବହୃତ ହୁଏ । କଅଁଳ ପତ୍ର ଗାଈ ଗୋରୁଙ୍କ ଖାଦ୍ୟ ଏବଂ ବାଉଁଶ ଜାଳେଣୀ, ଉନ୍ନତ କାଗଜ, ଗୃହର ଆସବାବପତ୍ର ଏହିପରି ଭାବରେ ପ୍ରାୟ ୧୫୦୦ ପ୍ରକାର ବ୍ୟବହାର ହୁଏ ।

ବାଉଁଶ ଏକ ତୃଣଜାତୀୟ ବୃକ୍ଷ ଅଟେ । ଏହା 'ପୋଆସି' ପରିବାର ଅନ୍ତର୍ଭୁକ୍ତ । ପୃଥିବୀ ପୃଷ୍ଠରେ ପ୍ରାୟ ୭୫ ଜାତି ଏବଂ ୧୨୫୦ ପ୍ରଜାତିର ବାଉଁଶ ଦେଖାଯାଏ । ତନ୍ମଧ୍ୟରୁ ପ୍ରାୟ ୨୨ ଜାତି ଏବଂ ୧୩୬ ପ୍ରଜାତିର ବାଉଁଶ ଭାରତ ବର୍ଷରେ ଦେଖାଯାଏ । ଏହା ମଧ୍ୟରୁ ପ୍ରାୟ ୭୫ ଶତାଂଶ ପୂର୍ବ ତଥା ଉତ୍ତରପୂର୍ବ ଭାରତରେ ଦେଖାଯାଏ । ବାଉଁଶ ଭାରତ ବର୍ଷର ପ୍ରାୟ ସମସ୍ତ ରାଜ୍ୟରେ ଦେଖାଯାଏ । ଗ୍ରୀଷ୍ମ ଅଞ୍ଚଳକୁ ଆରମ୍ଭ କରି ନାତିଶୀତୋଷ୍ଣ ଅଞ୍ଚଳ ଏବଂ ସମତଳ ଅଞ୍ଚଳ ସବୁଠାରେ ଦେଖାଯାଏ । କେବଳ କାଶ୍ମୀର ଉପତ୍ୟକାରେ ବାଉଁଶ ଦେଖାଯାଏ ନାହିଁ । ଓଡ଼ିଶାରେ ଦେଖାଯାଉଥିବା ବାଉଁଶ ମଧ୍ୟରେ କଣ୍ଟା / ଡବା ବାଉଁଶ, ବାଡ଼ିଆ ବାଉଁଶ, ସୁନ୍ଦରକଣି ବାଉଁଶ, ଶାଳିଆ ବାଉଁଶ, ତେଲିଙ୍ଗା, ସୁନେଲୀ ଏବଂ ବୁଦା ବାଉଁଶ ଇତ୍ୟାଦିର ଚାହିଦା ଅଛି ।

ଭାରତ ବର୍ଷରେ ବାଉଁଶର ଉତ୍ପାଦକତା ୦.୩ ଟନ୍ ପ୍ରତି ହେକ୍ଟର ପ୍ରତି ବର୍ଷ ଯାହାକି ଅନ୍ୟାନ୍ୟ ଦେଶ ତୁଳନାରେ ବହୁତ୍ କମ୍ ଅଟେ, ଯଥା : ଜାପାନ ୨.୪୧ ଟନ୍ ପ୍ରତି ହେକ୍ଟର ପ୍ରତିବର୍ଷ ଚିନ୍ - ୧.୨୫ ଟନ୍ ପ୍ରତି ହେକ୍ଟର ପ୍ରତି ବର୍ଷ । ବୈଜ୍ଞାନିକ ପଦ୍ଧତିରେ ବାଉଁଶ ଚାଷ କରି ଏହାର ଉତ୍ପାଦକତାକୁ ବୃଦ୍ଧି କରାଯାଇପାରିବ । ବର୍ତ୍ତମାନ ଓଡ଼ିଶାରେ ବାଉଁଶ ମିଶନ କାର୍ଯ୍ୟକ୍ରମ ମଧ୍ୟରେ ସୁନ୍ଦରକଣୀ ଏବଂ ବାଡ଼ିଆ ବାଉଁଶ ଓ ଡବା ବାଉଁଶ, ଶାଳିଆ ବାଉଁଶ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ଉପରୋକ୍ତ ବାଉଁଶକୁ ଆମେ ନିମ୍ନଲିଖିତ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିପାରିବା ।

**ଉପଯୁକ୍ତ ସ୍ଥାନ :** ସାଧାରଣତଃ ବାଉଁଶ କମ୍ ଢ଼ାଲୁଯୁକ୍ତ, ଆର୍ଦ୍ର ଉର୍ବର, ଜଳ ନିଷ୍କାସିତ ହେଉଥିବା ନିରପେକ୍ଷ ମାଟି କିମ୍ବା କମ୍ ଅମ୍ଳଯୁକ୍ତ ମାଟିରେ (ପି.ଏଚ୍.୬ ରୁ ୭.୫) ଭଲ ଭାବରେ ବଢ଼ିଥାଏ। ଅଧିକ ବୃଷ୍ଟି ବର୍ଷସାରା ସୁଷମ ଭାବରେ ବାଣ୍ଟି ହେଉଥିବା ସ୍ଥାନରେ ଭଲ ଭାବରେ ବଢ଼େ। ଯଦିଓ ବାଉଁଶ ଦୁର୍ଭିକ୍ଷ ସହଣୀ, ବିଭିନ୍ନ ପରିବେଶକୁ ଖାପଖୁଆଇ ଚଳି ପାରୁଥିବା ବୃକ୍ଷ ଅଟେ କିନ୍ତୁ ପାଣି ଜମୁଥିବା ଜାଗା, ପାହାଡ଼ିଆ ଜାଗା ଏବଂ ଲବଣଯୁକ୍ତ ପରିବେଶରେ ଭଲ ଭାବରେ ବଢ଼ିପାରେ ନାହିଁ। ମାଟି ତଳେ ଥିବା ପାଣିସ୍ତର ବର୍ଷସାରା ଭୂମିଠାରୁ ୧ ମିଟର ତଳେ ରହିଲେ ବାଉଁଶର ବୃଦ୍ଧି ପାଇଁ ସହାୟକ ହୁଏ।

**ଜମି ପ୍ରସ୍ତୁତି :** ବାଉଁଶ ଲଗାଯିବାକୁ ଥିବା କ୍ଷେତ୍ରକୁ ଶୀତ ଦିନେ ଭଲ ଭାବରେ ପରିଷ୍କାର କରାଯାଇ ଖରାଦିନେ ଦୁଇଥର ଖରାଟିଆ ଚାଷ କରାଯାଏ। ଖରାଦିନେ ୪୫ ସେ.ମି. X ୪୫ ସେ.ମି. X ୪୫ ସେ.ମି. ବିଶିଷ୍ଟ ଗାତ ୬ ମିଟର X ୪ ମିଟର ବ୍ୟବଧାନରେ ପ୍ରସ୍ତୁତ କରାଯାଏ।

**ଚାରା ପ୍ରସ୍ତୁତି :** ସାଧାରଣତଃ ବାଉଁଶ ବହୁ ବର୍ଷ ପରେ (୨୦ – ୮୦ ବର୍ଷ) ଫୁଲ ଧରିଥାଏ। ବାଉଁଶରେ ଫୁଲ ଫୁଟିବା ପରେ ବାଉଁଶ ବୁଦା ମରିଯାଏ। ତେଣୁ ପ୍ରତିବର୍ଷ ନିୟମିତ ଭାବରେ ବାଉଁଶ ମଞ୍ଜି ମିଳି ନଥାଏ। ଏହା ବ୍ୟତୀତ ବାଉଁଶ ମଞ୍ଜିକୁ ମଧ୍ଧ ବହୁ ବର୍ଷ ଧରି ସାଇତି ରଖାଯାଇ ପାରିବ ନାହିଁ। ତେଣୁ ବାଉଁଶ ଚାରା ପାଇଁ ବିଭିନ୍ନ ପ୍ରକାର ଅଙ୍ଗୀୟ ପ୍ରଜନନ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ବାଉଁଶ ଚାରା ନିମ୍ନରେ ଦିଆଯାଇଥିବା ପଦ୍ଧତିରେ ତିଆରି କରାଯାଇପାରିବ।

**୧. ମଞ୍ଜି :** ବାଉଁଶ ବୁଦାରୁ ମଞ୍ଜି ସଂଗ୍ରହ କରି ଯଥାଶୀଘ୍ର ମଞ୍ଜି ଶଯ୍ୟାରେ ବୁଣାଯାଏ। କାରଣ ମଞ୍ଜିର ଗଜାଧାରଣ ଶକ୍ତି କମ୍ ଦିନ ପର୍ଯ୍ୟନ୍ତ ରହେ। ମଞ୍ଜି ୫ ରୁ ୨୦ ଦିନ ମଧ୍ୟରେ ଗଜା ହୋଇଥାଏ। ଚାରାଗୁଡ଼ିକ ତିନିମାସର ହୋଇଗଲେ, ପୂର୍ବରୁ ମାଟି ମିଶ୍ରଣ (ମାଟି ଖତ ବାଲି – ୨:୧:୧) ଦ୍ୱାରା ଭର୍ତ୍ତି ହୋଇଥିବା ପଲିଥିନ୍ ବ୍ୟାଗ୍ (୨୦ X ୧୧) ବର୍ଗ ସେମିରେ ରୋପଣ କରାଯାଏ। ଏହି ପଲିବ୍ୟାଗ୍ ଗୁଡ଼ିକୁ ଆଂଶିକ

ଛାଇଥିବା ଜାଗାରେ ରଖି ପ୍ରତିଦିନ ପାଣି ସିଞ୍ଚନ କରାଯାଏ । ଚାରାଗୁଡ଼ିକ ୧ ବର୍ଷର ହେଲେ, ମୁଖ୍ୟ ଜମିରେ ରୋପଣ ପାଇଁ ପ୍ରସ୍ତୁତ ହୋଇଥାଏ ।

**୨. କନ୍ଦା ଲଗାଇବା ପ୍ରଣାଳୀ (ରାଇଜୋମ୍ ପ୍ଲାଣ୍ଟିଙ୍ଗ୍) :** ସାଧାରଣତଃ ଗାଁ ଗହଳିରେ ବାଉଁଶ କନ୍ଦା ଲଗାଇବା ପ୍ରଣାଳୀ ଆଦୃତ ହୋଇଥାଏ । ବର୍ଷାଦିନେ କନ୍ଦାକୁ ମୂଳରୁ ତାଡ଼ି, ମୁଖ୍ୟ ଜମିରେ ରୋପଣ କରିବାକୁ ପଡ଼େ । ଏହି କନ୍ଦାକୁ ସାଧାରଣତଃ ବୁଦା ହେଉନଥିବା ବାଉଁଶ ପ୍ରଜାତିରୁ ସଂଗ୍ରହ କରାଯାଏ । ଏଥିରେ ଅନେକ ସମସ୍ୟା ଦେଖାଯାଏ । ଯଥା : ପରିବହନରେ ଅସୁବିଧା ହୁଏ, ଚେରଗୁଡ଼ିକ ଭଲଭାବରେ ବଢ଼ି ନଥାଏ, କନ୍ଦାଗୁଡ଼ିକ ପଚିବାର ସମ୍ଭାବନା ଥାଏ, ପର୍ଯ୍ୟାପ୍ତ ପରିମାଣରେ କନ୍ଦା ମିଳିନଥାଏ ।

**୩. କନ୍ଦା ସହ ବାଉଁଶ ଖଣ୍ଡ ଲଗାଇବା ପ୍ରଣାଳୀ (ଅଫ୍‌ସେଟ୍ ପ୍ଲାଣ୍ଟିଙ୍ଗ୍) :** ମୂଳରୁ ୨ଟି ଗଣ୍ଠିଯୁକ୍ତ ବାଉଁଶ ସହ ମୂଳରେ ଲାଗି ରହିଥିବା କନ୍ଦାକୁ ତାଡ଼ି ମୁଖ୍ୟ ଜମିରେ ଲଗାଯାଇଥାଏ । ୧ ରୁ ୨ ବର୍ଷ ବୟସର ବାଉଁଶ ଏଥିପାଇଁ ଉପଯୁକ୍ତ ଅଟେ । ଏହି ପଦ୍ଧତିରେ ମାର୍ଚ୍ଚରୁ ଏପ୍ରିଲ୍ ମଧ୍ୟରେ ସଂଗ୍ରହ କରାଯାଉଥିବା ଚାରାରୁ ଅଧିକ ସଫଳତା ମିଳେ ।

**୪. ଚାରା ବହୁଗୁଣିତ କରିବା ପଦ୍ଧତି (ମାକ୍ରୋ ପ୍ରୋଲିଫେରେସନ୍) :** ବାଉଁଶ ଗଛ ମଞ୍ଜିର ଅଭାବ ଦେଖାଯାଉଥିବାରୁ, ଥରେ କୌଣସି ସ୍ଥାନରୁ ମଞ୍ଜି ସଂଗ୍ରହ କଲେ, ଏହି ପଦ୍ଧତି ଦ୍ୱାରା ଅଧିକରୁ ଅଧିକ ଚାରା ନିୟମିତ ଭାବରେ ଉତ୍ପାଦନ କରାଯାଇପାରିବ । ମଞ୍ଜି ପଲିଥିନ ମୁଣାରେ ବୁଣାଯିବାର ୩୦ ରୁ ୪୦ ଦିନ ମଧ୍ୟରେ ନୂଆ ବାଉଁଶ ମୂଳରୁ ବାହାରିବା ସହ କନ୍ଦା ସୃଷ୍ଟି ହୁଏ । ୪ ରୁ ୫ ମାସ ମଧ୍ୟରେ ପଲିଥିନ୍‌ରେ ଥିବା ଚାରା ମୂଳରୁ ପାଞ୍ଚରୁ ଛ' ଟି ନୂଆ ବାଉଁଶ ଗଜା ବାହାରିଥାଏ । ଏହି ଚାରା ଗୁଡ଼ିକୁ ମୂଳରୁ କନ୍ଦା ସହ ଅଲଗା କରି ୫ ରୁ ୬ ଟି ଚାରା ପ୍ରସ୍ତୁତ କରାଯାଏ । ଏହି ଚାରା ଗୁଡ଼ିକୁ ଅଲଗା ପଲିଥିନ୍ ବ୍ୟାଗରେ ଲଗାଯାଇ ୪ ରୁ ୫ ଦିନ ଛାଇରେ ରଖି ତାପରେ ଖୋଲା ଯାଗାକୁ ସ୍ଥାନାନ୍ତରିତ କରାଯାଏ । ଏହିପରି କଲେ ଗୋଟିଏ ଚାରାରୁ ବର୍ଷକ ମଧ୍ୟରେ ପ୍ରାୟ ୪ ରୁ ୫ ଗୁଣ ଚାରା ପ୍ରସ୍ତୁତ କରାଯାଇପାରିବ । ଏଥିପାଇଁ

ପଲିଥିନ୍ ମୁଣାରେ ଉର୍ବର ମାଟି, ଖତ ଏବଂ ବାଲି ମଧ୍ୟରେ ଅନୁପାତ ୨ : ୧ : ୧ ରଖିବା ଉଚିତ୍। ପଲିଥିନ୍ ମୁଣା ପ୍ରତି ୟୁରିଆ : ୦.୧୨ ଗ୍ରାମ୍, ସୁପର ଫସଫେଟ୍ – ୦.୧୨ ଗ୍ରାମ୍ ଏବଂ ପଟାସ୍ – ୦.୧୨ ଗ୍ରାମ ହିସାବରେ ସାର ଦେବା ଉଚିତ୍। ଏହି ପଦ୍ଧତିରେ ମଞ୍ଜିରୁ ପ୍ରସ୍ତୁତ ଚାରାକୁ ସାଇତି ରଖି ନିୟମିତ ଭାବରେ ପ୍ରତିବର୍ଷ ପ୍ରାୟ ୪ ରୁ ୫ ଗୁଣ ପର୍ଯ୍ୟନ୍ତ ଚାରା ପ୍ରସ୍ତୁତ କରିପାରିବ ।।

**୫. ବାଉଁଶ ଖଣ୍ଡରୁ ଚାରା ପ୍ରସ୍ତୁତି :** ଏହି ପଦ୍ଧତିରେ ୧ ରୁ ୨ ବର୍ଷର ବାଉଁଶକୁ ସୁସ୍ଥ, ସବଳ ଏବଂ ନିରୋଗୀ ବୁଦାରୁ ସଂଗ୍ରହ କରାଯାଏ। ବାଉଁଶକୁ ୧, ୨ କିମ୍ବା ୩ ଗଣ୍ଠି ବିଶିଷ୍ଟ ଖଣ୍ଡ କରାଯାଏ। ପ୍ରତ୍ୟେକ ଗଣ୍ଠିରୁ ବାହାରିଥିବା କଣିକୁ ମୂଳରୁ ୪ ରୁ ୫ ସେ.ମି. ରଖି କାଟି ଦିଆଯାଏ। ଏହାପରେ ବାଉଁଶ ଖଣ୍ଡକୁ ୦.୦୧ ପ୍ରତିଶତ ବାଭିଷ୍ଟିନ୍ ମିଶ୍ରଣ ଦ୍ୱାରା ବିଶୋଧନ କରାଯାଏ। ଦୁଇଗଣ୍ଠି ବିଶିଷ୍ଟ ବାଉଁଶ ଖଣ୍ଡର ମଝି ଅଂଶ ଏକ ପାର୍ଶ୍ୱରେ ଏକ କଣା କରାଯାଇ, ଏହା ମଧ୍ୟରେ ୨୦୦ ପିପିମ୍ ଆଦିଏ (୨ ଗ୍ରାମ୍ ଇଣ୍ଡୋଲ୍ ବ୍ୟୁଟରିକ୍ ଏସିଡ୍ ପ୍ରତି ୧୦ ଲିଟର ପାଣି) ଭର୍ତ୍ତି କରାଯାଏ। ବାଉଁଶ ଖଣ୍ଡର ମଝିରେ ଥିବା କଣା ଅଂଶକୁ ଏକ ପଲିଥିନ୍ ଦ୍ୱାରା ଆବୃତ୍ତ କରି ପୂର୍ବରୁ ପ୍ରସ୍ତୁତ ଉଚ୍ଚା ଚାରା ଶଯ୍ୟାରେ ରୋପଣ କରାଯାଏ। ଏହି ଚାରା ଶଯ୍ୟାକୁ ଆଂଶିକ ଛାୟାରେ ରଖାଯାଇ ଦୈନିକ ଦୁଇବେଳା ପାଣି ମଡ଼ାଯାଏ। ଏଥିରୁ ପ୍ରସ୍ତୁତ ଚାରା ୬ ମାସ ମଧ୍ୟରେ ମୁଖ୍ୟ ଜମିରେ ଲଗାଇବା ପାଇଁ ପ୍ରସ୍ତୁତ ହୋଇଥାଏ।

**ଗଛ ଲଗାଇବା ପ୍ରଣାଳୀ :** ଜୁନ୍ ମାସରେ ପ୍ରଥମ ଏବଂ ଦ୍ୱିତୀୟ ବର୍ଷାପରେ ପୂର୍ବରୁ ପ୍ରସ୍ତୁତ ଗାତରେ ୪ ମାସରୁ ଉର୍ଦ୍ଧ୍ୱ ଚାରାକୁ ରୋପଣ କରାଯାଏ। ଚାରା ରୋପଣ କରିବା ସମୟରେ ଗାତ ପ୍ରତି ୫ କେଜି ଖତ, ୨୫ ଗ୍ରାମ ଫସଫରସ୍ ଏବଂ ୧୫ ଗ୍ରାମ୍ ଫୋରେଟ୍ ମାଟି ସହ ଭଲ ଭାବରେ ମିଶ୍ରଣ କରି ଦିଆଯାଏ।

**ଖତ ଏବଂ ସାର :** ବାଉଁଶରେ ଖତ ଓ ସାର ପ୍ରୟୋଗ କଲେ, ଏହା ଭଲ ଭାବରେ ବଢ଼ିଥାଏ। ନିମ୍ନଲିଖିତ ସାରଣୀରେ ବାଉଁଶ ଗଛରେ ଦିଆଯାଉଥିବା ସାରର ସମ୍ପୂର୍ଣ୍ଣ ବିବରଣୀ ଦିଆଗଲା।

**ସାରଣୀ – ୧ : ଖତ ଏବଂ ପରିମାଣ**

| ବର୍ଷ | ଖତ / ବୁନ୍ଦା (କେଜି) | ସାର (ଗ୍ରାମ / ବୁନ୍ଦା) N | P | K |
|---|---|---|---|---|
| ପ୍ରଥମ | ୫ | ୫୦ | ୨୫ | ୨୫ |
| ଦ୍ୱିତୀୟ | ୫ | ୧୦୦ | ୫୦ | ୫୦ |
| ତୃତୀୟ | ୫ | ୧୫୦ | ୭୫ | ୭୫ |
| ଚତୁର୍ଥ | ୫ | ୨୫୦ | ୧୨୫ | ୧୨୫ |
| ପଞ୍ଚମ ଏବଂ ପରବର୍ଷ ଗୁଡ଼ିକ | ୫ | ୪୦୦ | ୨୦୦ | ୨୦୦ |

ଯବକ୍ଷାରଜନିତ ସାରକୁ ୨ ଟି ଭାଗରେ ଦିଆଯାଏ । ଅଧା ସାର ଗଛ ଲଗାଇବା ସମୟରେ ଏବଂ ଆଉ ଅଧା ସାର ଗରା ଲଗାଇବାର ୧ ମାସ ପରେ ଦିଆଯାଏ ।

**ଜଳସେଚନ :** ଉଚ୍ଚା ସମତଳ କ୍ଷେତ୍ରରେ ପ୍ରଥମ ୩ ବର୍ଷ ପାଇଁ ଜଳସେଚନ ଆବଶ୍ୟକ ହୋଇଥାଏ । ଖରାଦିନେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷ ବାଉଁଶ ବୁଦା ପାଇଁ ଯଥାକ୍ରମେ ୨ ଲିଟର, ୫ ଲିଟର, ୧୦ ଲିଟର ଜଳ ପ୍ରତିଦିନ ଦରକାର ପଡ଼େ । ବ୍ୟବସାୟିକ ଭିତ୍ତିରେ ଚାଷ ପାଇଁ ଜୀବନସାରା ବାଉଁଶବୁଦା ପାଣି ଆବଶ୍ୟକ କରେ । ବାଉଁଶ ବୁଦାର ଉତ୍ପାଦକତା ରକ୍ଷା ପାଇଁ ପୂର୍ଣ୍ଣ ଜଳସେଚନ ଜାନୁୟାରୀ ମାସରେ ଥରେ, ଫେବୃୟାରୀ ମାସରେ ୨ ଥର, ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ୩ ଥର ଏବଂ ଜୁନ୍ ମାସରେ ୨ ଥର ଆବଶ୍ୟକ କରେ । ବୁନ୍ଦା ଜଳସେଚନ କରିବା ଦ୍ୱାରା ଅମଳ ବଢ଼ିଥାଏ ତଥା ଖର୍ଚ୍ଚ କମ୍ ହୋଇଥାଏ ।

**କୋଡ଼ାଖୁସା ଏବଂ ଘାସବଛା :** ପ୍ରଥମ ୩ ବର୍ଷ ପର୍ଯ୍ୟନ୍ତ କୋଡ଼ାଖୁସା ଏବଂ ଘାସବଛା ବାଉଁଶ ବୁଦା ମୂଳରେ କରାଯାଇଥାଏ । ପ୍ରଥମ ବର୍ଷ ୩ ଥର, ଦ୍ୱିତୀୟ ବର୍ଷ ୩ ଥର, ତୃତୀୟ ବର୍ଷ ଠାରୁ ୨ ଥର ବାଉଁଶ ବୁଦା ମୂଳରେ କୋଡ଼ାଖୁସା ଏବଂ ଘାସବଛା କରିପାରିଲେ ବାଉଁଶ ଭଲ ବଢ଼େ ।

**ଅନ୍ତଃଚାଷ :** ବର୍ଷାର ଆରମ୍ଭରେ ପ୍ରଥମ ୩ ବର୍ଷ ପର୍ଯ୍ୟନ୍ତ ଦୁଇଧାଡ଼ି ବାଉଁଶ ଗଛ ମଧ୍ୟରେ ହଳ କରାଯାଏ । ଏହାଦ୍ୱାରା ଅନାବନା ଘାସ କମ୍ ହୋଇଥାଏ ଏବଂ ମାଟି ହାଲକା ହୋଇ କ୍ଷେତର ଜଳଧାରଣ ଶକ୍ତି ବଢ଼ିଥାଏ । ଦୁଇଧାଡ଼ି ମଧ୍ୟରେ ଅନ୍ତଃଚାଷ ଭାବରେ ଯବକ୍ଷାରଜାନ ଯୁକ୍ତ ଗଛ ଯଥା କୋଳଥ, ଝୁଡଙ୍ଗ, ଘାସ, ସପୁରୀ ଇତ୍ୟାଦି ଚାଷ କରାଯାଏ ।

**ଜଳ ସଂରକ୍ଷଣ :** ବାଉଁଶ ଏକ ଜଳକୁ ଭଲ ପାଉଥିବା ବୃକ୍ଷ ଅଟେ। ତେଣୁ ପ୍ରତି ୪ – ୫ ଧାଡ଼ି ବାଉଁଶ ଧାଡ଼ି ପରେ ଗଡ଼ାଣିକୁ ଆଡ଼ କରି ବନ୍ଧ କରାଯାଏ, ଯାହାଦ୍ୱାରା କ୍ଷେତ୍ରର ଜଳଧାରଣ ଶକ୍ତି ବଢ଼ିଥାଏ। ବାଉଁଶ ମୂଳରେ ଛାଦିକରଣ କରାଯାଏ, ଯାହାକି ମୂଳରେ ଅନାବନା ଘାସ ଦମନ ସହ ଜଳଧାରଣ ଶକ୍ତି ବଢ଼ାଏ।

**ମାଟି ଉଚ୍ଚାକରଣ :** ନୀଚା ଜମି ପାଇଁ ବାଉଁଶ ବୁଦା ମୂଳରେ ମାଟି ଟେକିବା ଆବଶ୍ୟକ ହୁଏ କିନ୍ତୁ ସମତଳ ଜମି ପାଇଁ ଆବଶ୍ୟକ ହୋଇନଥାଏ। ସମତଳ ଜମିରେ ବାଉଁଶ ବୁଦା ମୂଳରେ ମାଟି ଟେକିବା ଦ୍ୱାରା ବାଉଁଶ ବୁଦା ମାଟିସ୍ତର ଠାରୁ ଉପରକୁ ଉଠିଯାଏ, ତେଣୁ ଖରାଦିନେ ପାଣି ଅଭାବରୁ ମରିଯିବାର ସମ୍ଭାବନା ଥାଏ। କେବଳ ବାଉଁଶ ବୁଦାର ଖୋଲା ଚେରକୁ ମାଟି ଦ୍ୱାରା ସମ୍ୟକ ଭାବରେ ଆବୃତ୍ତ କରାଯାଏ।

**ବାଣ୍ଟଛାଣ୍ଟ :** ବାଉଁଶବୁଦା ୩ ବର୍ଷ ହେଲାପରେ କାଣ୍ଟଛାଣ୍ଟ କରିବାର ଆବଶ୍ୟକତା ହୋଇଥାଏ। ଦେଢ଼ ମିଟର ପର୍ଯ୍ୟନ୍ତ ସମସ୍ତ କଣିକୁ ଗୋଟିଏ ଗଣ୍ଠି ପର୍ଯ୍ୟନ୍ତ ରଖି କଟାଯାଏ। କାଣ୍ଟଛାଣ୍ଟ ଦ୍ୱାରା ବାଉଁଶ ବୁଦା ମଧ୍ୟରେ ଗହଳ ଦୂର ହୋଇ, ବାୟୁ ଚଳାଚଳ ସୁବିଧା ହୁଏ।

**ଉନ୍ନତିକରଣ ପାଇଁ କାଣ୍ଟଛାଣ୍ଟ :** ଏହି ପ୍ରକ୍ରିୟା ଦ୍ୱିତୀୟ ବର୍ଷ ଠାରୁ ବର୍ଷା ଆରମ୍ଭ ପୂର୍ବରୁ କରାଯାଏ। ସମସ୍ତ ରୋଗଣା, ନଷ୍ଟ ହୋଇଥିବା ବାଉଁଶକୁ କାଟି ବାହାର କରାଯାଏ। ଅଧିକ ଗହଳ କରୁଥିବା ବାଉଁଶକୁ କାଟି ବାହାର କରାଯିବା ଦ୍ୱାରା ବାକି ବାଉଁଶ ଗୁଡ଼ିକ ବୁଦାରେ ପର୍ଯ୍ୟାପ୍ତ ପରିମାଣରେ ଖାଲିଯାଗା ପାଆନ୍ତି। ବୁଦା ପତଳା କରିବା ଦ୍ୱାରା ସୁସ୍ଥ ସବଳ ନୂଆ ବାଉଁଶ ବାହାରିବାରେ ସହାୟକ ହୋଇଥାଏ।

**ରୋଗପୋକ ନିୟନ୍ତ୍ରଣ :** ବାଉଁଶ ଗଛକୁ ରୋଗ, ପୋକ ଏବଂ ତୃଣଭୋଜୀ ପଶୁଙ୍କ ଠାରୁ ରକ୍ଷା କରାଯିବା ଆବଶ୍ୟକ। ପ୍ରଥମ ତିନିବର୍ଷ ପର୍ଯ୍ୟନ୍ତ ବାଉଁଶ ବୁଦାକୁ ତୃଣଭୋଜୀ ପ୍ରାଣୀଙ୍କ ଠାରୁ ରକ୍ଷା କରାଯାଏ। ବାଉଁଶରେ ସାଧାରଣତଃ ବ୍ଲାଇଟ୍ ଏବଂ କନ୍ଦ ପଢ଼ା ରୋଗ ଦେଖାଯାଏ। ଏଥିରୁ ରକ୍ଷା ପାଇବା ପାଇଁ ଅନାବନା ପଦାର୍ଥକୁ ବାଉଁଶ ବୁଦା ମୂଳରେ ପୋଡ଼ି ଦିଆହୁଏ। ପ୍ରତିବର୍ଷ ବର୍ଷା ପୂର୍ବରୁ ଅଳ୍ପ ନିଆଁରେ ପୋଡ଼ି ବାଉଁଶ ମୂଳକୁ ସଫା କରାହୁଏ। ରୋଗରେ ଆକ୍ରାନ୍ତ ମୂଳଗୁଡ଼ିକୁ ତାଡ଼ି ମଧ୍ୟ ବାହାର କରାଯାଏ। ଏହା ସହିତ ଡିଥେନ୍ ଏମ୍ – ୪୫ (୦.୩ ପ୍ରତିଶତ) ଏବଂ ମାନକୋଜେନ୍ (୦.୩ ପ୍ରତିଶତ) ସିଞ୍ଚନ ଏବଂ ମୂଳରେ ଢ଼ାଳିବା ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଏ।

ସାଧାରଣତଃ ପତ୍ରପୋଡ଼ା ପୋକ ଏବଂ ବାଉଁଶକୁ କଣା କରୁଥିବା ପୋକ କିଛି ପରିମାଣରେ କ୍ଷତି ସାଧନ କରିଥାନ୍ତି। ଉପରୋକ୍ତ ପୋକକୁ କାର୍ବାରିଲ୍ ୦.୧ ପ୍ରତିଶତ ଦ୍ୱାରା ନିୟନ୍ତ୍ରଣ କରାଯାଏ। ଏହା ସହିତ ପୋକଦ୍ୱାରା ଆକ୍ରାନ୍ତ ବାଉଁଶ ଗୁଡ଼ିକୁ କାଟି ଦିଆଯାଏ।

**ଅମଳ ପଦ୍ଧତି :** ବାଉଁଶ ବୁଦା ୫ ବର୍ଷ ହେଲା ପରେ ଅମଳ ପାଇଁ ଉପଯୁକ୍ତ ହୋଇଥାଏ। ୧ରୁ ୨ ବର୍ଷ ବୟସ୍କ ବାଉଁଶ ମୂଳରୁ ନୂଆ ବାଉଁଶ ବାହାରୁଥିବାରୁ ଏହା ଅମଳ କରାଯାଏନାହିଁ। ୩ ବର୍ଷରୁ ଉର୍ଦ୍ଧ୍ୱ ବାଉଁଶକୁ ଅମଳ କରାଯାଏ। ଅମଳ ହେବାକୁ ଥିବା ବାଉଁଶର ମୂଳରୁ ଗୋଟିଏ ଗଣ୍ଠି ଉପରକୁ ଚେରଛା ଭାବରେ କଟାଯାଏ। କୌଣସି ପରିସ୍ଥିତିରେ ଖରାଦିନ ଏବଂ ବର୍ଷାଦିନ (ଏପ୍ରିଲ ମାସରୁ ଅକ୍ଟୋବର ମାସ) ମଧ୍ୟରେ ବାଉଁଶ କାଟିବା ଅନୁଚିତ୍। ପ୍ରତିବର୍ଷ ନିୟମିତ ଭାବରେ ବାଉଁଶ ବୁଦାରୁ ବାଉଁଶ ଅମଳ କରାଯିବା ଉଚିତ୍।

**ବାଉଁଶ ବୁଦାରୁ ବାଉଁଶ ଅମଳ ସାଧାରଣତଃ ୨ ପ୍ରକାର ପଦ୍ଧତିରେ ଅମଳ କରାଯାଏ।**

**୧- ସୁଡ଼ଙ୍ଗ ପ୍ରଣାଳୀ :** ଏହି ପଦ୍ଧତିରେ ବାଉଁଶ ବୁଦାରୁ ବାଉଁଶ କାଟି ୨ଟି ସୁଡ଼ଙ୍ଗ ବାଉଁଶ ବୁଦାର ମଧ୍ୟଭାଗରେ ପରସ୍ପରକୁ ୯୦° ଭାବରେ ତିଆରି କରାଯାଏ, ଯଦ୍ୱାରା ବାଉଁଶ ବୁଦାଟି ୪ ଟି ସମାନ ଭାଗରେ ବିଭକ୍ତ ହୋଇଥାଏ।

**୨-ଘୋଡ଼ାନାଲ ପ୍ରଣାଳୀ:** ଏହି ପଦ୍ଧତିରେ ବାଉଁଶ ବୁଦାର ମଧ୍ୟ ଭାଗରୁ ବାଉଁଶ କାଟି ଘୋଡ଼ାନାଲ ସଦୃଶ ବାଉଁଶ ବୁଦାକୁ ତିଆରି କରାଯାଏ।

ଚାଷଜନିତ ଆୟବ୍ୟୟ ହିସାବ (ହେକ୍ଟର ପ୍ରତି) :

| | | |
|---|---|---|
| ଦୂରତା | - | ୬ମିଟର **X** ୪ ମିଟର |
| ବାଉଁଶ ବୁଦା ସଂଖ୍ୟା | - | ୪୧୭ |
| ଉତ୍ପାଦନକ୍ଷମ ବାଉଁଶବୁଦା | - | ୩୭୫ |

| ବର୍ଷ | ଖର୍ଚ୍ଚ | ଖର୍ଚ୍ଚ | | | ଆୟ | |
|---|---|---|---|---|---|---|
| | | ନୂଆ ବାଉଁଶ/ ବୁଦାପ୍ରତି | ଅମଳକ୍ଷମ ବାଉଁଶ ବୁଦାପ୍ରତି | ସମୁଦାୟ ଅମଳକ୍ଷମ ବାଉଁଶ/ ହେକ୍ଟର | ବିକ୍ରିଦର / ବାଉଁଶପ୍ରତି | ସମୁଦାୟ ଆୟ |
| ୧ମ | ୨୩୦୦୦ | ୧.୫ | - | - | - | - |
| ୨ୟ | ୧୭୫୦୦ | ୩.୦ | - | - | - | - |
| ୩ୟ | ୧୭୫୦୦ | ୬.୦ | - | - | - | - |
| ୪ର୍ଥ | ୯୦୦୦ | ୭.୫ | ୨.୦ | ୭୫୦ | ୨୫.୦୦ | ୧୮୭୫୦ |
| ୫ମ | ୯୦୦୦ | ୮.୦ | ୩.୦ | ୧୧୨୫ | ୨୫.୦୦ | ୨୮୧୨୫ |
| ୬ଷ୍ଠ | ୯୫୦୦ | ୮.୦ | ୫.୦ | ୧୮୭୫ | ୫୦.୦୦ | ୯୩୭୫୦ |
| ୭ମ | ୯୫୦୦ | ୮.୦ | ୬.୦ | ୨୨୫୦ | ୫୦.୦୦ | ୧,୧୨,୫୦୦ |
| ୮ମରୁ ୮୦ ବର୍ଷ ପର୍ଯ୍ୟନ୍ତ | ୧୦୦୦୦ | ୮.୦ | ୮.୦ | ୩୦୦୦ | ୭୦.୦୦ | ୨,୧୦,୦୦୦ |



